# ପ୍ରଶ୍ନାବଳୀ

୧ । ଭାବର ବିନିମୟ ଓ ସଞ୍ଚାର କିପରି ଘଟିଥାଏ ?

୨ । ପ୍ରାତିପଦିକ କାହାକୁ କହନ୍ତି ?

୩ । ପ୍ରକୃତି କ'ଣ ? ଧାତୁ ପ୍ରକୃତି କହିଲେ କ'ଣ ବୁଝ ?

୪ । ପଦ କାହାକୁ କହନ୍ତି– ଆମେ କେତେ ପ୍ରକାର ପଦ ବ୍ୟବହାର କରୁଥାଏ ?

୫ । ପଦ ଓ ଶବ୍ଦ ମଧ୍ୟରେ ପ୍ରଭେଦ କ'ଣ ?

୬ । ପ୍ରାତିପଦିକ କେଉଁ କେଉଁ ପ୍ରକାରର ପଦ ସହିତ ସମ୍ପୃକ୍ତ ?

୭ । ନିମ୍ନଲିଖିତ ପଦର ପ୍ରତ୍ୟୟ ବା ଯୁକ୍ତଚିହ୍ନ ଓ ପ୍ରାତିପଦିକ ଚିହ୍ନାଅ ।

ପିଲାମାନେ / ଗଗନଠାରୁ / ଭିତରକୁ / ସଂସାରରେ / ତୁମଦ୍ୱାରା / ଆମ୍ଭମାନଙ୍କଠାରୁ / ଗଛର / ଫୁଲଗୁଡ଼ାକ ।

୮ । ବିଶେଷ୍ୟ ପଦ କାହାକୁ କୁହାଯାଏ ?

୯ । ବିଶେଷ୍ୟ ପଦ କେତେ ପ୍ରକାରର ?

୧୦ । ଉଦାହରଣ ସହିତ ସଂଜ୍ଞା ବାଚକ ବିଶେଷ୍ୟ କାହାକୁ କୁହାଯାଏ ଲେଖ ।

୧୧ । ଜାତିବାଚକ ଓ ନାମବାଚକ ବିଶେଷ୍ୟ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

୧୨ । ଗୁଣବାଚକ ବିଶେଷ୍ୟ କାହାକୁ କୁହାଯାଏ ?

୧୩ । କ୍ରିୟା ଓ କ୍ରିୟାବାଚକ ବିଶେଷ୍ୟ ମଧ୍ୟରେ ପ୍ରଭେଦ ଦର୍ଶାଅ ।

୧୪ । ଦୁଇଟି ଉଦାହରଣ ଦେଇ ସରଳ ବିଶେଷ୍ୟ ଓ ଯୌଗିକ ବିଶେଷ୍ୟ କ'ଣ ବୁଝାଇ ଦିଅ ।

୧୫ । ତଳ ପ୍ରଶ୍ନଗୁଡ଼ିକରେ ୫ଟି ଲେଖାଏଁ ବିଶେଷ୍ୟ ପଦ ଦିଆଯାଇଛି । ତହିଁରେ ଥିବା ଅଲଗା ପ୍ରକାରଟିକୁ ଚିହ୍ନଟ କରି ଲେଖ ।

(କ) ଭାଲେରି, ହିମାଳୟ, ଗନ୍ଧମାର୍ଦନ, ଢେଙ୍କାନାଳ, କପିଳାସ ।

(ଖ) ଗଙ୍ଗା, ଯମୁନା, ଗୋଦାବରୀଶ, କାବେରୀ, ମହାନଦୀ ।

(ଗ) ରାମ, କିଶୋର, ମନୋଜ, ଲଣ୍ଡନ, ଇନ୍ଦ୍ର ।

(ଘ) କଟାକଟି, ଦେଖାଶିଖା, ପୂଜାଫୁଲ, ଦିନରାତି, କାଗଜତଙ୍ଗା

(ଙ) ଭୋଜନ, ଗଡ଼ାଣି, ଖଟଣି, ବନ୍ଧାଣ, ଦିବସ ।

୧୬ । ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।

(କ) ______ ମୋର ବୋଲ କର । (ସବୁ ବାଳକେ / ବାଳକଟା / ବାଳକେ)

(ଖ) ବାତ୍ୟାରେ ______ ଭାଙ୍ଗିଗଲା ଓ ______ ଟଳିପଡ଼ିଲା ।
(ଅନେକ ଗଛ / ସବୁ ଗଛଗୁଡ଼ିକ / କିଛି ଗଛ / ଗଛମାନେ)

(ଗ) ସୁନାହାର, ମାର୍ବଲ ପଥର, ଏହି ପଦ ଦୁଇଟିରେ ହାର ______ ବିଶେଷ୍ୟ ଓ ମାର୍ବଲ ______ ବିଶେଷ୍ୟ । (ବସ୍ତୁବାଚକ / ଜାତିବାଚକ / ନାମବାଚକ / ଅବସ୍ଥାବାଚକ)

୧୭ । ବଡ଼ ଅକ୍ଷରରେ ଲିଖିତ ପଦଗୁଡ଼ିକ 'କି' ପ୍ରକାରର ବିଶେଷ୍ୟ ଲେଖ ।

(କ) ଚନ୍ଦ୍ରଶେଖର ଓଡ଼ିଶାର ଦ୍ୱିତୀୟ ଭାସ୍କର ।

(ଖ) ଆମଗଛରେ ଚଢ଼େଇ ବସିଛନ୍ତି ।

(ଗ) ପିଲାମାନଙ୍କର ଦୌଡ଼ିବା ସାର ହେଲା ।

(ଘ) ଭାରତ ସର୍ବଦା ଶାନ୍ତି ଚାହେଁ ।

୧୮ । ନିମ୍ନଲିଖିତ ପଦଗୁଡ଼ିକ କି କି ପ୍ରକାର ବିଶେଷ୍ୟ ହେବ ଲେଖ :

ଖରାଦିନ, ପଦ୍ଧାଳି, ଆଲୋକ, ଜଷେଇଗୁଡ଼ିକ, ଶୟନ, ପାଗଳାମି, ତାରୁଣ୍ୟ, ସରଳତା, ଛୁଆ, ସାଗର, ନାରୀ, ଚନ୍ଦନ ।

# ପ୍ରଶ୍ନାବଳୀ

୧ । ବିଶେଷଣ ପଦ କାହାକୁ କହନ୍ତି ?

୨ । ଯେକୌଣସି ୫ଟି ପ୍ରକାର ବିଶେଷଣର ନାମ ଲେଖି ଓ ପ୍ରତ୍ୟେକରୁ ଦୁଇଟି କରି ଉଦାହରଣ ଦିଅ ।

୩ । କ୍ରିୟା ବିଶେଷଣ ଓ କ୍ରିୟାଜ ବିଶେଷଣ କାହାକୁ କହନ୍ତି ? ଉଭୟ ମଧ୍ୟରେ ଥିବା ପାର୍ଥକ୍ୟ ଦର୍ଶାଅ ।

୪ । ତିନୋଟି ସର୍ବନାମିକ ବିଶେଷଣ ଥିବା ବାକ୍ୟ ଲେଖ ।

୫ । ପାଞ୍ଚୋଟି ବିଶେଷ୍ୟକୁ ବିଶେଷଣ ରୂପେ ବ୍ୟବହାର କରି ବାକ୍ୟ ଲେଖ ।

୬ । ନିମ୍ନଲିଖିତ ପଦଗୁଡ଼ିକ କି'ପ୍ରକାର ବିଶେଷଣ ଚିହ୍ନାଅ ।
ଗେଡ଼ା, ମଧୁର, ନୀଳ, ଛୋଟା, ଖୁବ୍, ଭାରି, ଅବାଗିଆ, ଚବିଶ, ଅଷ୍ଟମ, ପୁଳାଏ, ସମ୍ବଲପୁରୀ, ଖସଡ଼ା, ଅଜ୍ଞାନ, ନିତାନ୍ତ, ଦପ୍‌ଦପ୍, ଆସ୍ତେଆସ୍ତେ।

୭ । ନିମ୍ନଲିଖିତ ବାକ୍ୟଗୁଡ଼ିକରେ ଥିବା କଳା ଅକ୍ଷରର ବିଶେଷଣ ପଦ କି'ପ୍ରକାରର ଚିହ୍ନାଅ ।

(କ) **ବିନୟ** ମଧୁର ବଚନ କହିବା ।

(ଖ) **ଘୋର** ଶବ୍ଦ କରି ମେଘ ଗର୍ଜିଲା ।

(ଗ) କେଉଁ ସୂଚନାଟି **ଅଡୁଆ** ହୋଇଯିବ ଯେ ?

(ଘ) ଗନ୍ଧ ଭାରି **ଉତ୍କଟ** ।

(ଙ) ସେଠାରେ **ସାଂସ୍କୃତିକ** କାର୍ଯ୍ୟକ୍ରମ ଚାଲିଛି ।

୮ । '**କ**'ସ୍ତମ୍ଭର ବିଶେଷଣ ପଦ ସହିତ '**ଖ**'ସ୍ତମ୍ଭର ଉପଯୁକ୍ତ ବିଶେଷ୍ୟ ବାଛି ଯୋଗକର:

| 'କ'ସ୍ତମ୍ଭ | 'ଖ'ସ୍ତମ୍ଭ |
|---|---|
| ଜାତୀୟ | ଝଡ଼ |
| ସାମୁଦ୍ରିକ | ଶୃଙ୍ଗ |
| ଉଚ୍ଚତମ | ସଂହତି |
| ନିଳଠା | ଶତ୍ରୁତା |
| ନୈତିକ | ପତ୍ର |
| କଅଁଳ | ସଙ୍କଟ |
| ଅତି | ଅଧ୍ୟାୟ |
| ପ୍ରବଳ | ମଣିଷ |
| ଅଷ୍ଟମ | ଦାୟିତ୍ୱ |
| ବିଷମ | ପିତା |

୯ । ତଳଧାଡ଼ିଗୁଡ଼ିକ ମଧ୍ୟରେ ଥିବା ବିଶେଷଣ ପଦଗୁଡ଼ିକ ମଧ୍ୟରୁ କେଉଁଟି ଅଲଗା ପ୍ରକାରର ଲେଖ ।

(କ) ଦଶ, ବାର, ପଚାଶ, ଛୟାଅଶୀ, ଅଷ୍ଟାଦଶ, କୋଡ଼ିଏ ।

(ଖ) କଅଁଳ, ନରମ, କଠିନ, ମଧୁର, ପ୍ରଚୁର, ପ୍ରବଳ ।

(ଗ) ଗାତୁଆ, ମିଛୁଆ, ପଠୁଆ, ଅଳସୁଆ, ଅତ୍ୟନ୍ତ ।

(ଘ) ଏ, ସେହି, ଯେଉଁ, ଖୁବ୍, ତା, ମୋ ।

(ଙ) ସୁନାକାଚ, ରୁପାଚାନ୍ଦ, ମଧୁର ଜଳ, କାଠକଣ୍ଢେଇ, ମାଟିପାତ୍ର ।

୧୦ । 'ତର' ଓ 'ତମ' ପ୍ରତ୍ୟୟ ଯୋଗକରି ୫ଟି ବିଶେଷଣ ପଦ ଲେଖି ବାକ୍ୟରେ ବ୍ୟବହାର କର ।

# ପ୍ରଶ୍ନାବଳୀ

୧ । ସର୍ବନାମ କାହାକୁ କହନ୍ତି ?

୨ । ସର୍ବନାମ ପଦ ବାକ୍ୟରେ କାହାକାହା ବଦଳରେ ବସିଥାଏ ?

୩ । ପାଞ୍ଚଟି ପୁରୁଷବାଚକ ଓ ପାଞ୍ଚଟି ପ୍ରଶ୍ନବାଚକ ସର୍ବନାମ ପଦର ଦୃଷ୍ଟାନ୍ତ ଦିଅ ।

୪ । ଆପେକ୍ଷିକ ସର୍ବନାମ ପଦ କାହାକୁ କୁହାଯାଏ ? ଦୁଇଟି ଉଦାହରଣ ଦେଇ ବାକ୍ୟରେ ବ୍ୟବହାର କର ।

୫ । କଳାଅକ୍ଷରର ପଦଗୁଡ଼ିକ କେଉଁ ପ୍ରକାର ସର୍ବନାମ ଚିହ୍ନାଅ:

(କ) ପାଣିରେ **କିଛି** ଭାସୁଛି ।

(ଖ) ମୁଁ **ଏହା** କେଉଁଠୁ ପାଇବି ?

(ଗ) ଅତିଥି ଭାବରେ **କିଏ** ଆସିବେ ?

(ଘ) ସେ **ଆପେ** ଆସି **ନିଜର** କାମ ସାରି ଯିବେ ।

୬ । କଳା ଅକ୍ଷରରେ ଲିଖିତ ସର୍ବନାମ ପଦଗୁଡ଼ିକ କାହା ପରିବର୍ତ୍ତେ ବ୍ୟବହୃତ ହୋଇଛି ଲେଖ ।

(କ) ହରିହର ଜଣେ ସେବକ; **ଏହା** କିଏ ନ ଜାଣେ ?

(ଖ) କଳ୍ପନା ମେଧାବିନୀ, ଗୀତା **ସେପରି** ନୁହେଁ ।

(ଗ) ଦୀପ୍ତି ଓ ପ୍ରୀତି ଏକା ଶ୍ରେଣୀରେ ପଢୁଥିଲେ ବି **ପ୍ରତ୍ୟେକର** ବୁଝିବାଶକ୍ତି ଅଲଗା ।

(ଘ) **ଯାହା** ହେବାର ଥିଲା ଶେଷରେ **ତାହା** ହିଁ ହେଲା ।

(ଙ) ଏ କଲମଟି ଶ୍ୟାମର, **ଏଇଟା** ତାକୁ ଦେଇ ଦିଅ ।

୭ । ଉପଯୁକ୍ତ ସର୍ବନାମ ପଦ ବସାଇ ଅନୁଚ୍ଛେଦଟିକୁ ଶ୍ରୁତିମଧୁର କର ।

ନୀଳମଣି ମିଶ୍ରେ ବଡ଼ ଉଦାର ଲୋକ । ନୀଳମଣିଙ୍କ କାମକୁ ସମସ୍ତେ ପସନ୍ଦ କରନ୍ତି । ନୀଳମଣି ନୀଳମଣିଙ୍କ ବନ୍ଧୁମାନଙ୍କର ଖୁବ୍ ଉପକାର କରିଛନ୍ତି । ଖୁବ୍ ଉପକାର ପାଇଁ ନୀଳମଣିଙ୍କୁ ନୀଳମଣିଙ୍କ ବନ୍ଧୁମାନେ ଦୟାଳୁ ମିଶ୍ରେ ବୋଲି ସମ୍ବୋଧନ କରନ୍ତି । 'ଦୟାଳୁ ମିଶ୍ରେ' ବୋଲି ସମ୍ବୋଧନ କରିବା ନୀଳମଣିଙ୍କ ପାଇଁ ଯଥାର୍ଥ ।

୮ । ତୁ, ତୁମେ, ଆପଣ ମଧ୍ୟରେ କି ପାର୍ଥକ୍ୟ ଅଛି ?

୯ । ଇଏ ଓ ସିଏ, ଆପଣ ଓ ଆପଣାର ମଧ୍ୟରେ କି ପାର୍ଥକ୍ୟ ରହିଛି ?

୧୦ । ତୃତୀୟ ପୁରୁଷ ସର୍ବନାମର ପାଞ୍ଚଟି ଦୃଷ୍ଟାନ୍ତ ଦିଅ ।

୧୧ । କେଉଁ ସର୍ବନାମ ପଦଟି ଅଲଗା ପ୍ରକାରର ଚିହ୍ନାଅ ।

(କ) ସେ, ସେମାନେ, ତା'ର, ତାଙ୍କର, ତୋର, ତାଙ୍କୁ ।

(ଖ) ତୋତେ, ତୁ, ତୋର, ତୁମକୁ, ତାହାର, ତୁମେମାନେ ।

(ଗ) ଯିଏ, ଯେଉଁମାନେ, ଯାହାର, ଯାହାକୁ, ଯାହା ।

(ଘ) ଯାହା, ସକଳ, ସବୁ, ତାହା, ଯେଉଁଟି, ତା ।

(ଙ) କ'ଣ, କିଏ, କାହାକୁ, କେଉଁଟି, କେହି ।

୧୨ । ନିର୍ଦ୍ଦେଶାତ୍ମକ ସର୍ବନାମର ଲକ୍ଷଣ ଲେଖି ଗୋଟିଏ ଦୃଷ୍ଟାନ୍ତ ଦିଅ ।

୧୩ । ଗୁରୁତ୍ୱ ଆରୋପକ ସର୍ବନାମ ଅଥବା ସମ୍ବନ୍ଧବାଚକ ସର୍ବନାମ ଅଥବା ପ୍ରଶ୍ନବାଚକ ସର୍ବନାମ କାହାକୁ କୁହାଯାଏ ?

୧୪ । ଦୂର ନିର୍ଦ୍ଦେଶାତ୍ମକ ଓ ନିକଟ ନିର୍ଦ୍ଦେଶାତ୍ମକ ସର୍ବନାମର ଦୁଇଟି ଲେଖାଏଁ ଉଦାହରଣ ଦିଅ ।

# ପ୍ରଶ୍ନାବଳୀ

୧ । କ୍ରିୟା କାହାକୁ କହନ୍ତି ?

୨ । କ୍ରିୟା ପଦ ଦ୍ୱାରା କ'ଣ ସୂଚିତ ହୁଏ ?

୩ । କ୍ରିୟାର ମୂଳରୂପକୁ କ'ଣ କୁହାଯାଏ ?

୪ । 'ଧାତୁ' କାହାକୁ କହନ୍ତି ? ଆମ ଭାଷାରେ କେତେପ୍ରକାର ଧାତୁ ପ୍ରଚଳିତ ହୁଏ ?

୫ । ' ନାମ ଧା କାହାକୁ କହନ୍ତି ? ପାଞ୍ଚଟି ନାମଧାତୁର ଉଦାହରଣ ଦିଅ ।

୬ । ପ୍ରଦତ୍ତ ବିଶେଷ୍ୟ ପଦରୁ ନାମଧାତୁ କ୍ରିୟାପଦ ଗଢ଼ି ବାକ୍ୟରେ ବ୍ୟବହାର କର-

ମୁହଁ, ମୂଳ, ଲଟା, ପେଟ, ମୁଣ୍ଡ, ଗୋଡ଼,

୭ । ନିମ୍ନଲିଖିତ ବିଶେଷଣ ପଦରୁ ନାମଧାତୁ କ୍ରିୟାପଦ ଗଢ଼ି ବାକ୍ୟରେ ବ୍ୟବହାର କର ।
ସଳଖ, ଶୀତଳ, ଉଷୁମ, କଅଁଳ, ଛୋଟା, ତରଳ, ଚିକ୍କଣ

୮ । ପ୍ରେରଣାର୍ଥକ ଧାତୁ କାହାକୁ କହନ୍ତି -ଗୋଟି ପ୍ରେରଣାର୍ଥକ ଧାତୁ ଗଢ଼ି ତାହାକୁ କ୍ରିୟାରେ ପରିଣତ କର ।

୯ । ପାଞ୍ଚଟି ପ୍ରେରଣାର୍ଥକ କ୍ରିୟାପଦ ଲେଖି ତାହାର ଗଠନ ପ୍ରକ୍ରିୟା ବୁଝାଇ ଦିଅ ।

୧୦ । ଅମିଶ୍ର କ୍ରିୟା କାହାକୁ କହନ୍ତି ? ତିନୋଟି ଅମିଶ୍ର କ୍ରିୟାକୁ ମିଶ୍ର କ୍ରିୟାରେ ପରିଣତ କରି ବାକ୍ୟରେ ବ୍ୟବହାର କର ।

୧୧ । ଯୌଗିକ କ୍ରିୟା କାହାକୁ କୁହାଯାଏ ?

୧୨ । ଥା, ଅଛି, ପାରିବା, ସାରିବା, ଆଣିବା, କରିବା, ପଡ଼ିବା, ଇତ୍ୟାଦି କ୍ରିୟାପଦକୁ ବ୍ୟବହାର କରି ଗୋଟିଏ ଗୋଟିଏ ଯୌଗିକ କ୍ରିୟା ଗଠନ କର ଓ ତାକୁ ବାକ୍ୟରେ ବ୍ୟବହାର କର ।

୧୩ । ସକର୍ମକ ଓ ଅକର୍ମକ କ୍ରିୟା କାହାକୁ କହନ୍ତି ? ପାଞ୍ଚଟି ଲେଖାଏଁ ସକର୍ମକ ଓ ଅକର୍ମକ କ୍ରିୟାପଦ ଲେଖ ।

୧୪ । ନିମ୍ନପ୍ରଦତ୍ତ ଅମିଶ୍ର କ୍ରିୟାକୁ ମିଶ୍ର କ୍ରିୟାରେ ପରିଣତ କର । ଥୋଇଲା, ଧାଉଁଛି, ଦେଖିଲା, ଶୋଇବ, କାନ୍ଦିଥା'ନ୍ତା, ଗଲା, ଉଇଁଲା ।

୧୫ । ସମାପିକା କ୍ରିୟା କାହାକୁ କହନ୍ତି ? ଉଦାହରଣ ଦେଇ ବୁଝାଇ ଦିଅ ।

୧୬ । ଅସମାପିକା କ୍ରିୟା କାହାକୁ କହନ୍ତି ? ଉଦାହରଣ ସହିତ ଲେଖ ।

୧୭ । ନିମ୍ନଲିଖିତ କ୍ରିୟାଗୁଡ଼ି କ ମଧ୍ୟରୁ ମିଶ୍ର କ୍ରିୟା ଓ ଯୌଗିକ କ୍ରିୟା ଚିହ୍ନାଅ ।

ଆକ୍ରମଣ କଲେ, କ୍ରନ୍ଦନ କଲା, ହସି ଉଠିଲା, ଦର୍ଶନ କର, ବାନ୍ଧୁ ଥିଲା, ଉଦିତ ହେବ, ଖାଇ ସାରିଲେ, ଖିଆ ହେଲା, ଟେକି ନେବେ, ତୋଳି ଆଣିଲେ, ଶ୍ରବଣକର, ଆସିଥିଲା, ଖାଇସାରି ଯାଇଅଛି, ଆସିଯାଇଛି ।

୧୮ । ଖେଳୁଛି, ପଢ଼ିବ, ପଢ଼ିଲା, ଯିବି, ଭାବିଛନ୍ତି, ଦୌଡ଼ିଥା'ନ୍ତା, ଚିହ୍ନିଥିବେ, କହିଲୁ, ବୁଝ ଜେଇନ୍ଥି, ପାଇଛ, ଝୁଣ୍ଟିଲେ ଇତ୍ୟାଦି କ୍ରିୟାଗୁଡ଼ିକ କେଉଁ ପୁରୁଷ ଓ କେଉଁ ବଚନରେ ବ୍ୟବହୃତ ହୁଏଲେଖ ।

୧୯ । ଓଡ଼ିଆରେ କ୍ରିୟାର କାଳକୁ କେତେଭାଗରେ ବିଭକ୍ତ କରାଯାଇଛି ? ପ୍ରତ୍ୟେକରୁ ଗୋଟିଏକରି ଉଦାହରଣ ଦିଅ ।

୨୦ । ଦ୍ୱିକର୍ମକ କ୍ରିୟା କ'ଣ ? ଉଦାହରଣ ଦେଇ ବୁଝାଇ ଦିଅ ।

୨୧ । ସିଦ୍ଧ କ୍ରିୟା ଓ ସାଧ୍ୟକ୍ରିୟା କାହାକୁ କୁହାଯାଏ ପ୍ରତ୍ୟେକରୁ ଦୁଇଟି ଲେଖାଏଁ ଉଦାହରଣ ଦିଅ ।

୨୨ । ଚାରୋଟି କାର୍ଯ୍ୟ ସଂପନ୍ନ ସୂଚକ କ୍ରିୟାପଦ ଲେଖି ତାହାର ଗଠନ ପଦ୍ଧତି ଦର୍ଶାଅ ।

୨୩ । ପଢ଼ିଲୁ, ଲେଖୁଥିବ, ଶୁଣିଲା, ଦେଖିଲେ, ଜାଣନ୍ତା, ବୁଝନ୍ତୁ- ଏଗୁଡ଼ିକୁ ପ୍ରେରଣାର୍ଥକ ଧାତୁମୂଳକ କ୍ରିୟାରେ ପରିଣତ କର ।

୨୪ । ନିମ୍ନଲିଖିତ କ୍ରିୟାପଦଗୁଡ଼ିକରୁ କେଉଁଟି ସାଧାରଣ କ୍ରିୟା, ପ୍ରେରଣାର୍ଥକ କ୍ରିୟା, ଯୌଗିକ କ୍ରିୟା, ନାମଧାତୁମୂଳକ କ୍ରିୟା, ଓ ଅସମାପିକ କ୍ରିୟା ବାଛି ଲେଖ ।

ଚଳାଇବେ, ଶୁଆଇଦେଲେ, କାଶିବ, ହସୁଛନ୍ତି, ପାଉଥା'ନ୍ତି, ଢଳିଢଳି, ଟାଳିଦିଅ, ଶୁଣନ୍ତୁ, ପଢ଼, ଲେଖାଇଲୁ, ଜଣାଥିବ, ପେଟେଇଲା, ଶୁଣିପାରନ୍ତା, ଟଣାଉଥିଲେ, ଲାଟେଇବଣି, ଗୋଡ଼ାଇଲେ, ପୋତାଇଲେ ।

୨୫ । ଅସମାପିକା କ୍ରିୟାର ପ୍ରତ୍ୟୟଗୁଡ଼ିକ ଲେଖି ପ୍ରତ୍ୟେକରୁ ଦୁଇଟି ଲେଖାଏଁ ଦୃଷ୍ଟାନ୍ତ ଦିଅ ।

୨୬ । **ଶୂନ୍ୟସ୍ଥାନ ପୂରଣ କର :**

(କ) ରଚିବା କ୍ରିୟାର ମୂଳଧାତୁଟି ହେଉଛି- । (ରଚ, ରଚି, ରଚ୍, ରଚା)

(ଖ) ରାନ୍ଧିବା କ୍ରିୟାର ପ୍ରେରଣାର୍ଥକ ରୂପ ହେଉଛି- । (ରୁନ୍ଧିବା, ରେନ୍ଧିବା, ରନ୍ଧାଇବା, ରୁନ୍ଧାଇବା)

(ଗ) ________ଅସଂପନ୍ନ ସୂଚକ ଓ ________ସଂପନ୍ନ ସୂଚକ ଧାତୁ ପ୍ରତ୍ୟୟ ।(ଅନ୍ତ୍, ଇବ୍, ଏ, ଇ, ଉ, ଆ)

# ପ୍ରଶ୍ନାବଳୀ

୧ । ଅବ୍ୟୟ ପଦ କାହାକୁ କହନ୍ତି ?

୨ । ଅବ୍ୟୟ ପଦ ଗୁଡ଼ିକ କିପରି ଭାବରେ (କ) ବିଶେଷ୍ୟ, (ଖ) ବିଶେଷଣ, (ଗ) କ୍ରିୟା (ଘ) ସର୍ବନାମ ପଦ ଠାରୁ ଭିନ୍ନ ଉଦାହରଣ ଦେଇ ବୁଝାଅ ।

୩ । ପାଞ୍ଚୋଟି ପଦବିକାରମୂଳକ ଅବ୍ୟୟର ଦୃଷ୍ଟାନ୍ତ ଦିଅ ।

୪ । ସୂକ୍ଷ୍ମତଃ, ପ୍ରାୟତଃ, ସ୍ଥୂଳତଃ, ଫଳତଃ, ସ୍ୱଭାବତଃ- ଏହି ଅବ୍ୟୟପଦଗୁଡ଼ିକୁ ବାକ୍ୟରେ ବ୍ୟବହାର କର ।

୫ । 'ଆ' ଉପସର୍ଗ ଲଗାଇ ତିନୋଟି ଅବ୍ୟୟପଦ ଲେଖ ଓ ତା'କୁ ବାକ୍ୟରେ ବ୍ୟବହାର କର ।

୬ । 'କିନା', ଓ 'କିଣି' ଯୋଗ କରି ତିନୋଟି ଧ୍ୱନ୍ୟାନୁକାରୀ ଅବ୍ୟୟ ପଦ ଲେଖ ।

୭ । 'ପ୍ରଶ୍ନବାଚକ ଅବ୍ୟୟ' କାହାକୁ କୁହାଯାଏ ? ତିନୋଟି ଉଦାହାରଣ ଦେଇ ସେଗୁଡ଼ି କୁ ବାକ୍ୟରେ ବ୍ୟବହାର କର ।

୮ । ଆଦର ଓ ଅନାଦର ଅର୍ଥରେ ଦୁଇଟି ଲେଖାଏଁ ଅବ୍ୟୟ ପଦ ଲେଖି ବାକ୍ୟରେ ବ୍ୟବହାର କର ।

୯ । ନିମ୍ନଲିଖିତ ବାକ୍ୟଗୁଡ଼ିକରୁ ଅବ୍ୟୟ ପଦ ଚିହ୍ନାଅ:

(କ) ହଇଓ, ଏତେ ବଡ଼ କଥା କିପରି କହିଲ ?

(ଖ) ଧୀରେଧୀରେ ଯିବାକୁ ପଡ଼ିବ, ହେଲେ ସଂଧ୍ୟା ହୋଇଯିବ ।

(ଗ) ତାଙ୍କ ଯୋଗୁଁ ଗଣ୍ଡଗୋଳ ହେଲା, ମାତ୍ର ସେ ସେଠୁ ଖସି ପଳାଇଥିଲେ ।

(ଘ) ଯେମିତି ଠାକୁର, ତାଙ୍କୁ ସେମିତି ପୂଜା ।

୧୦ । ସଂଯୋଜକ ଓ ବିଯୋଜକ ଅବ୍ୟୟ କାହାକୁ କହନ୍ତି ? ଉଭୟ ମଧ୍ୟରେ ପ୍ରଭେଦ ଦର୍ଶାଅ ।

୧୧ । ନିମ୍ନଲିଖିତ ଅବ୍ୟୟ ପଦ ଗୁଡ଼ିକ କି,ପ୍ରକାରର ଅବ୍ୟୟ ତାହା ଲେଖି ବାକ୍ୟରେ ବ୍ୟବହାର କର : ଓଗେର, ଆଉ, ଅବା, କିପରି, ଖଡ଼ଖଡ଼, ଯଦି, ଆହା, ଏବେ, ଓଃ, ଛି, ବ୍ୟତୀତ, ସରି, କିସ, କୁତୁକୁତୁ, ବେଶ୍, ହଇ, ଆଲୋ, ଆଗୋ, ବରଂ ।

୧୨ । ଅଲଗା ଥିବା ଅବ୍ୟୟପଦଟି ବାଛି ପୃଥକ କର ।

(କ) ଠନ୍‌ଠନ୍, କଳକଳ, ପେଁପେଁ, ଠୋଠୋ, ଢୋକିନା ।

(ଖ) ଫରଫର, ଭୁସ୍‌ଭୁସ୍, ଠକ୍‌ଠାକ୍, ଦୁଲଦୁଲ, ମଡ଼୍‌ମଡ଼୍ ।

(ଗ) ଏତେ, ଯେତେ, ଯେପରି, ସେତିକି, କେତିକି ।

(ଘ) ବିନା, ପ୍ରତି, ଅପେକ୍ଷା, ନଚେତ୍, ଦ୍ୱାରା ।

(ଙ) ଏକ୍ଷଣି, ଇଲାଗେ, ଯେବେ, ଯଦି, ତତ୍‌କାଳ ।

୧୩ । ନିଷେଧାର୍ଥକ ଅବ୍ୟୟ କାହାକୁ କହନ୍ତି ? ଦୁଇଟି ଉଦାହରଣ ଦିଅ ।

୧୪ । ବୀପ୍‌ସାର୍ଥକ ଅବ୍ୟୟ କହିଲେ କ'ଣ ବୁଝ ? ଦୁଇଟି ଦୃଷ୍ଟାନ୍ତ ଦିଅ ।

୧୫ । ତିନୋଟି ସମ୍ମତିସୂଚକ ଅବ୍ୟୟ ଲେଖି ବାକ୍ୟରେ ବ୍ୟବହାର କର ।

୧୬ । ୩ଟି ଭାବବାଚକ ଅବ୍ୟୟର ଦୃଷ୍ଟାନ୍ତ ଦେଇ ବାକ୍ୟରେ ବ୍ୟବହାର କର ।